ପାଠ-୩

# ଛେଳି ଡରେ ପାଣିକି

ବଣ ଭିତରେ ପାହାଡ଼ଟିଏ । ପାହାଡ଼ ତଳେ ଝରଣାଟିଏ । ଝରଝର କରି ବହିଯାଉଥାଏ । ଝଲମଲ ପାଣି । ମାଛମାନେ ଫକଫକ ଡିଆଁଡେଇଁ କରୁଥାନ୍ତି । ଛେଳିଟିଏ ଝରଣା ପାଖରେ ଯାଉଥିଲା ।



ଛେଳି ଝଲମଲ ପାଣିକୁ ଦେଖିଲା । ଗାଧୋଇବା ପାଇଁ ତା'ର ମନ ହେଲା । ସେ ପାଣି ଭିତରକୁ ଡେଇଁ ପଡ଼ିଲା । ମାଛ ଦେହରେ ତା' ଗୋଡ଼ ବାଜିଗଲା । ମାଛଟି ରାଗରେ ଗରଗର ହୋଇ ଛେଳିର ଗୋଡ଼କୁ କାମୁଡ଼ି ଦେଲା ।



ଛେଳିର ଦେହ ଝିମ୍‌ଝିମ୍ ହୋଇଗଲା । ସେ ଭୟରେ ପାଣିରୁ ବାହାରି ପଳାଇଗଲା । ସେହି ଦିନଠାରୁ ଛେଳି ପାଣି ଭିତରକୁ ଯାଏ ନାହିଁ ।

## ଅଭ୍ୟାସ

**୧. ଛବି ଦେଖି କହିବା ।**



ମାଛ



ମୟୂର



ଝରକା



ଝରଣା



ଗଛ



ବଗ

୨. ମଟର ଗରା ଝରକା ପର ଝୁମୁକା ମଗର

'ମ' ଅକ୍ଷର ତଳେ (___) ଦେବା ।

'ର' ଅକ୍ଷରକୁ (○) ବୁଲାଇବା ।

'ଗ' ଅକ୍ଷର ଚାରିପଟେ (□) କରିବା ।

'ଝ' ଅକ୍ଷର ଚାରିପଟେ (△) କରିବା ।

୩. ଶବ୍ଦରେ ଥିବା ଅକ୍ଷର ସହ ତଳ କୋଠରିରେ ଥିବା ସମାନ ଅକ୍ଷରକୁ ଗାର ଟାଣି ଯୋଡ଼ିବା ।

ମକା ଗଛ ବଗ ଅରଟ ମାଛ ଝାଡୁ

| | | | |
|---|---|---|---|
| ମ | ର | ଗ | ଝ |

୪. କ) ତୁମ ଘର ପାଖରେ କେଉଁ କେଉଁ ଗଛ ଅଛି କହିବା ।

ଖ) ବଣରେ କେଉଁ କେଉଁ ଗଛସବୁ ଥାଏ କହିବା ।

୫. ପାଠ-୩ର ପ୍ରଥମ ଛବି ଦେଖି କହିବା ।

- ଛେଳି କେତୋଟି ?
- ବଡ଼ ମାଛ କେତୋଟି ?
- ସାନ ମାଛ କେତୋଟି ?
- ପାଣିରେ ମାଛ କେତୋଟି ଅଛନ୍ତି ?

୬. ଆସ ଛବି କରିବା ।

ଦୁଇଟି ବଡ଼ ମାଛର ଛବି

ତିନୋଟି ସାନ ମାଛର ଛବି

୭. ଆସ ରଙ୍ଗ କରିବା ।

ବଲ୍‌କୁ ନାଲି ରଙ୍ଗ ଦେବା । କେତୋଟି ବଲ୍ ଗଣି କହିବା ।



ଗୋଟିଏ ମାଛକୁ ହଳଦିଆ ରଙ୍ଗ ଦେବା ।



୮. ପ୍ରତ୍ୟେକ ଗୋଲେଇ ଭିତରେ ଗୋଟିଏ ଅକ୍ଷର ଓ କେତେଗୁଡ଼ିଏ ଛବି ଅଛି । ଯେଉଁ ଛବିର ନାମରେ ସେହି ଅକ୍ଷର ଅଛି ସେହି ଛବିକୁ ଅକ୍ଷର ସହ ଗାର ଟାଣି ଯୋଡ଼ିବା ।













୯. କ) ଆଗକୁ ବଢ଼ାଇବା ।



ଖ)





ବେଙ୍ଗ କିପରି ଝିଣ୍ଟିକାକୁ ଖାଇବାକୁ ଯିବ ଦେଖାଇବା ।

ଯେପରି

ଗ) ଡାଲାରେ ଯେତେ ପାରିବା କମଳାର ଚିତ୍ର କରିବା ।



## ୧୦. କହିଲ ଦେଖି...

କ) ଛେଳିର ଗୋଡ଼ ମାଛ ଦେହରେ ବାଜିଲା ପରେ ଛେଳି କ'ଣ କହିଥିବ ?

ଖ) ଛେଳି ପାଣିରେ ପଶିଲା ପରେ ବଡ଼ ମାଛମାନେ ସାନ ମାଛଙ୍କୁ କ'ଣ କହିଥିବେ ?

୧୧. ଛବି ଦେଖି କହିବା - କିଏ ବଡ଼ କିଏ ସାନ ?



୧୨.



ଉପରେ ଥିବା ଛବି ଦେଖିବା । ତା' ବିଷୟରେ କହିବା ।

## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ଗପଟିକୁ ଚିତ୍ର ସହିତ ୨/୩ ଥର ପାଠ କରାଇ ଧାଡ଼ି, ଧାଡ଼ିରୁ ଶବ୍ଦ, ଶବ୍ଦରୁ ଅକ୍ଷର ଚିହ୍ନଟ କାମ କରାଯିବ।
- ଅଭ୍ୟାସ କାର୍ଯ୍ୟରେ ସୂଚନା ବୁଝିବାରେ ଯେଉଁଠି ପିଲାଙ୍କ ଅସୁବିଧା ହେବ ସେଠି ଶିକ୍ଷକ ସୂଚନା ପଢ଼ି ବୁଝାଇଦେବେ।
- ଏହି ପାଠଟିର ପରିଚାଳନା କଲାବେଳେ ଚିତ୍ରଗୁଡ଼ିକ ଉପରେ ଆଲୋଚନା ଆବଶ୍ୟକ।
- ଅଭ୍ୟାସ କାର୍ଯ୍ୟ ୮ ଓ ୧୦ରେ ଦିଆଯାଇଥିବା କାର୍ଯ୍ୟ ପରି ଆହୁରି ଅଧିକା କାମ କରାଯାଇପାରିବ।
- ଅଭ୍ୟାସ କାର୍ଯ୍ୟ ୧୧ କାମ ସହ ଶ୍ରେଣୀ କୋଠରି, ବିଦ୍ୟାଳୟ ହତା, ଆଖପାଖ ଜିନିଷକୁ ନେଇ କିଏ ବଡ଼ - କିଏ ସାନ ବିଷୟରେ କାମ କରାଯିବା ଆବଶ୍ୟକ।
- ଅଭ୍ୟାସ କାର୍ଯ୍ୟ ୧୩ ରେ ପ୍ରତ୍ୟେକ ପିଲା ଅତି କମ୍‌ରେ ୪/୫ଟି ବାକ୍ୟ କହିବା ଆବଶ୍ୟକ।
- ଏହି ପାଠ ପାଇଁ ଅନ୍ୟୂନ ୨୭ଟି ପିରିଅଡ଼ ରହିବ। ଏହି ପାଠରୁ କଥୋପକଥନ, ସରଳ ପ୍ରଶ୍ନ ଉତ୍ତର ଦେବା, ଛବି ଦେଖି କହିବା, ମ, ର, ଗ, ଝ ଚିହ୍ନିବା ଓ ପଢ଼ିବା, ୧ ରୁ ୯ ଯାଏଁ ଗଣିବା, ନିଜ ପରିବେଶରେ ଥିବା ବଣ, ପାହାଡ଼, ନଈ, ଝରଣା ଓ ଗଛର ଧାରଣା, ପ୍ରାକ୍ ଲିଖନ (ବିଭିନ୍ନ ଆକୃତି), ବଡ଼-ସାନ ଚିହ୍ନିବା, ବିଭିନ୍ନ ରଙ୍ଗ ବିଷୟରେ ଧାରଣା ଇତ୍ୟାଦିର ବିକାଶ ହେବାର ସୁଯୋଗ ରହିଛି।